# NATIONAL NEWS BULLETIN (ODIA)

**19 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତର ଅର୍ଥନୈତିକ ଅଭିବୃଦ୍ଧି ବିଶ୍ୱସ୍ତରୀୟ ସ୍ୱୀକୃତି ଲାଭ କରିଛି, କହିଲେ ସୂଚନା ଓ ପ୍ରସାରଣ ମନ୍ତ୍ରୀ
- ଭାରତ-ସିଙ୍ଗାପୁର ମନ୍ତ୍ରୀସ୍ତରୀୟ ଚତୁର୍ଥ ପର୍ଯ୍ୟାୟ ଗୋଲ୍‌ଟେବୁଲ୍ ବୈଠକରେ ଯୋଗଦେବା ପାଇଁ ସିଙ୍ଗାପୁର ଗସ୍ତରେ ଗଲେ ଭାରତୀୟ ମନ୍ତ୍ରୀସ୍ତରୀୟ ପ୍ରତିନିଧି ମଣ୍ଡଳୀ
- କୋଲକାତାରେ ଏକ ହୋଟେଲରେ ଅଗ୍ନିକାଣ୍ଡ ଘଟି ୯ ଜଣଙ୍କର ମୃତ୍ୟୁ
- ନିଖୋଜ ଏବଂ ଉଦ୍ଧାର ପିଲାଙ୍କ ଚିହ୍ନଟ ପାଇଁ ଜାତୀୟ ଡିଏନଏ ଓ ବାୟୋମେଟ୍ରିକ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ନେଇ ସୁପ୍ରିମକୋର୍ଟଙ୍କ ପରାମର୍ଶ

ଏବଂ

- ଗାଲେ ଟେଷ୍ଟରେ ଶ୍ରୀଲଙ୍କାକୁ ୧୬୫ ରନ୍‌ରେ ପରାସ୍ତ କଲା ଭାରତ

## ଉତ୍ତରପ୍ରଦେଶ-ଜାପାନ ସମିଟ୍

ଭାରତର ଅର୍ଥନୈତିକ ଅଭିବୃଦ୍ଧି ବିଶ୍ୱସ୍ତରୀୟ ସ୍ୱୀକୃତି ଲାଭ କରିଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଅଭିବୃଦ୍ଧି ହାର ୬ରୁ ୮ ପ୍ରତିଶତ ପରିସରକୁ ବୃଦ୍ଧି ପାଇଛି ବୋଲି ଶ୍ରୀ ବୈଷ୍ଣବ

କହିଛନ୍ତି । ନୂଆଦିଲ୍ଲୀରେ ଉତ୍ତରପ୍ରଦେଶ-ଜାପାନ ନିବେଶ ସମ୍ମିଳନୀ ୨୦୨୬କୁ ସମ୍ବୋଧନକରି ଶ୍ରୀ ବୈଷ୍ଣବ କହିଛନ୍ତି, ଏହି ଅଭିବୃଦ୍ଧି ୪ଟି ପ୍ରମୁଖ କ୍ଷେତ୍ର ଉପରେ ପର୍ଯ୍ୟବେସିତ । ସେଗୁଡ଼ିକ ହେଉଛି- ସାମାଜିକ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ବିକାଶ ଓ ସମାବେଶୀ ଅଭିବୃଦ୍ଧି ତଥା ଉତ୍ପାଦନ କ୍ଷେତ୍ର । ବିଭିନ୍ନ କ୍ଷେତ୍ରରେ ନିବେଶ ଦେଶର ଅଭିବୃଦ୍ଧି ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ପ୍ରତିବର୍ଷ ଭାରତରେ ୧୩୦ ବିଲିୟନ୍ ଆମେରିକୀୟ ଡଲାର ନିବେଶ ହେଉଛି । ଏଭଳି ବର୍ଦ୍ଧିତ ଆର୍ଥିକ କାର୍ଯ୍ୟକଳାପ ଦେଶର ଅଭିବୃଦ୍ଧି କ୍ଷେତ୍ରରେ ନିରନ୍ତରତା ବଜାୟ ରଖିପାରିଛି । ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ସମାଜର ବିଭିନ୍ନ ବର୍ଗଙ୍କ ପାଖରେ ଅଭିବୃଦ୍ଧିର ସୁଫଳ ପହଞ୍ଚି ପାରୁଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ସେ କହିଛନ୍ତି, ଦେଶରେ ରେଳ ବିଦ୍ୟୁତିକରଣ କ୍ଷେତ୍ର ୯୯ ଦଶମିକ ୬ ପ୍ରତିଶତ ସଂପୂର୍ଣ୍ଣ ହୋଇଛି । ଗତ ଦଶନ୍ଧି ମଧ୍ୟରେ ପ୍ରାୟ ୩୮ ହଜାର କିଲୋମିଟର ରେଳ ଯୋଗାଯୋଗ ବୃଦ୍ଧି ପାଇବା ସହ ୧୬୨ଟି ଅର୍ଦ୍ଧ ଦ୍ରୁତଗାମୀ ଟ୍ରେନ୍ ଚଳାଚଳ କରାଯାଇଛି । ଭାରତ ଏବେ ବିଶ୍ୱର ଦ୍ୱିତୀୟ ବୃହତ ସଡ଼କ ଯୋଗାଯୋଗ ରାଷ୍ଟ୍ରରେ ପରିଣତ ହୋଇଛି । ଗତ ଦଶନ୍ଧି ମଧରେ ପ୍ରାୟ ୬୫ ହଜାର କିଲୋମିଟର ରାଜପଥ ନିର୍ମିତ ହେବା ସହ ବିମାନ ବନ୍ଦର ସଂଖ୍ୟା ମଧ୍ୟ ଦୁଇଗୁଣ ବୃଦ୍ଧି ପାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ସମାରୋହରେ ଯୋଗଦେଇ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହାନ କୃଷି ଉତ୍ପାଦନ ବୃଦ୍ଧି ଏବଂ ଭାରତକୁ ବିଶ୍ୱର ଖାଦ୍ୟ

ଯୋଗାଣର ଏକ ହବ୍ ଭାବେ ପରିଣତ କରିବାକୁ ସରକାର କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି । କୃଷିକ୍ଷେତ୍ରରେ ବୈଷୟିକ ଉପଯୋଗ ଉତ୍ପାଦନ ମୂଲ୍ୟ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଚାଷୀଙ୍କ ନିକଟରେ ଗବେଷଣା ଲବ୍ଧ ଜ୍ଞାନ ପହଞ୍ଚାଇବା ଏବଂ ପ୍ରଯୁକ୍ତିବିଦ୍ୟା ଉପଯୋଗ ଉପରେ ସରକାର ପ୍ରାଥମିକତାର ସହ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ଚୌହାନ କହିଛନ୍ତି । **V/O**

ସମାରୋହରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଯୋଗଦେଇ ଭାରତ-ଜାପାନ ସହଭାଗିତା ଅଭିବୃଦ୍ଧି ଉପରେ ଆଲୋକପାତ କରିଛନ୍ତି ।

---

## ଉତ୍ତରାଖଣ୍ଡ-ଭିପି

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜିଠାରୁ ଉତ୍ତରାଖଣ୍ଡକୁ ୨ ଦିନିଆ ଗସ୍ତରେ ଯାଉଛନ୍ତି । ଡେରାଡୁନ୍‌ଠାରେ ଇନ୍ଦିରା ଗାନ୍ଧୀ ଜାତୀୟ ଫରେଷ୍ଟ ଏକାଡେମୀର ୨୦୨୫-୨୭ ବ୍ୟାଚ୍‌ର ପ୍ରଶିକ୍ଷାର୍ଥୀଙ୍କୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଉପରାଷ୍ଟ୍ରପତି ଆସନ୍ତାକାଲି ମସୁରୀସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନ ଏକାଡେମୀରେ ୨୦୨୪ ବ୍ୟାଚ୍ ଭାରତୀୟ ପ୍ରଶାସନିକ ଅଧିକାରୀଙ୍କ ପାଇଁ ଚାଲିଥିବା ବୃତ୍ତିଗତ ପାଠ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଉପରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସେଠାରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

---

# ଭାରତ-ସିଙ୍ଗାପୁର

ଭାରତ-ସିଙ୍ଗାପୁର ମନ୍ତ୍ରୀ ସ୍ତରୀୟ ଚତୁର୍ଥ ପର୍ଯ୍ୟାୟ ଗୋଲ୍‌ଟେବୁଲ୍ ବୈଠକରେ ଯୋଗଦେବା ପାଇଁ ଏକ ମନ୍ତ୍ରିସ୍ତରୀୟ ପ୍ରତିନିଧି ମଣ୍ଡଳୀ ସିଙ୍ଗାପୁର ଗସ୍ତରେ ଯାଇଛନ୍ତି । ଏଥିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହିତ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ, ଶିଳ୍ପ, ଇଲେକ୍ଟ୍ରୋନିକ୍ସ ଓ ଆଇ.ଟି. ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ପ୍ରମୁଖ ଅଛନ୍ତି ।

୨୦୨୨ ମସିହାରେ ଆରମ୍ଭ ହୋଇଥିବା ଭାରତ-ସିଙ୍ଗାପୁର ମନ୍ତ୍ରୀସ୍ତରୀୟ ଗୋଲଟେବୁଲ୍ ବୈଠକ ଦ୍ୱିପାକ୍ଷିକ ଅର୍ଥନୈତିକ ବିକାଶକୁ ଗତିଶୀଳ କରିଛି । ଉତ୍ପାଦନ, ଯୋଗାଯୋଗ, ପ୍ରଯୁକ୍ତିବିଦ୍ୟା ଉପଯୋଗ, ସ୍ୱାସ୍ଥ୍ୟସେବା, ଔଷଧ, ଦକ୍ଷତା ବିକାଶ ଏବଂ ନିରନ୍ତରତା ଆଦି କ୍ଷେତ୍ରଗୁଡ଼ିକରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ସୁଦୃଢ଼ କରିବା ନେଇ ଏହି ବୈଠକ ଏକ ମଞ୍ଚ ପ୍ରଦାନ କରିବ ।

୨୦୨୪ ଅଗଷ୍ଟରେ ସିଙ୍ଗାପୁରରେ ଦ୍ୱିତୀୟ ଏବଂ ୨୦୨୫ ଅଗଷ୍ଟ ମାସରେ ନୂଆଦିଲ୍ଲୀ ଠାରେ ତୃତୀୟ ବୈଠକ ଅନୁଷ୍ଠିତ ହୋଇଥିଲା ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ତାଙ୍କ ସିଙ୍ଗାପୁର ପ୍ରତିପକ୍ଷ ଭିଭିଆନ୍ ବାଲ୍‌କ୍ରିଷ୍ଣନ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସଂପର୍କରେ ସୂଚନା ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ସିଙ୍ଗାପୁରସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ ନୂତନ ଚାନ୍‌ସେରୀ କଂପ୍ଲେକ୍ସର ଶିଳାନ୍ୟାସ ସମାରୋହରେ ଶ୍ରୀ ବାଲକ୍ରିଷ୍ଣନଙ୍କ ସହ

ସେ ଯୋଗ ଦେଇଥିଲେ । ଦ୍ୱିପାକ୍ଷିକ ରଣନୈତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହୋଇଥିବା ଡକ୍ଟର ଜୟଶଙ୍କର ସୂଚନା ଦେଇଛନ୍ତି ।

## କୋଲକାତା ଫାୟାର

କୋଲକାତାରେ ଏକ ଅଗ୍ନିକାଣ୍ଡ ଘଟଣାରେ ୯ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ନିଉ ମାର୍କେଟ ଅଞ୍ଚଳର ଫ୍ରି ସ୍କୁଲ୍ ଷ୍ଟ୍ରିଟ୍‌ଠାରେ ଥିବା ଏକ ହୋଟେଲରେ ଘଟିଥିବା ଏହି ଅଗ୍ନିକାଣ୍ଡରେ ଅନ୍ୟ ୧୬ ଜଣ ଆହତ ହୋଇଛନ୍ତି । ଗତକାଲି ବିଳମ୍ବିତ ରାତିରେ ୫ ମହଲା କୋଠାର ତୃତୀୟ ମହଲା ପର୍ଯ୍ୟନ୍ତ ନିଆଁ ବ୍ୟାପି ଯାଇଥିଲା । ତେବେ ହୋଟେଲ୍‌ରେ କୌଣସି ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ଘଟଣାର ତଦନ୍ତ ପାଇଁ  କୋଲକାତା ପୋଲିସ୍ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ କରିଛି । ଡିସିଡିଡି ସ୍ୱର୍ଣ ନିଲାଙ୍ଗୀଙ୍କ ନେତୃତ୍ୱରେ ଏହି ୭ ଜଣିଆ ଦଳ ଗଠନ କରାଯାଇଛି । ଶିଳ୍ପମନ୍ତ୍ରୀ ତାପସ ରାୟ ଏବଂ ପୌର ବ୍ୟାପାର ଓ ନଗର ଉନ୍ନୟନ ମନ୍ତ୍ରୀ ଅଗ୍ନିମିତ୍ର ପାଲ ଆଜି ସକାଳେ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ଏବଂ ଜଣେ ଶିଶୁ ଅନ୍ତର୍ଭୁକ୍ତ ।

ଏହି ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ  ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ  ସେମାନେ  ଶୋକ ସନ୍ତପ୍ତ

ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ଏସ୍‌ସି-ଡିଏନ୍‌ଏ

ନିଖୋଜ ଏବଂ ଉଦ୍ଧାର ହୋଇଥିବା ପିଲାଙ୍କ ଚିହ୍ନଟ ପାଇଁ ଏକ ଜାତୀୟ ଡିଏନ୍‌ଏ ଏବଂ ବାୟୋମେଟ୍ରିକ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି । ଏଥିପାଇଁ କେନ୍ଦ୍ର ଏବଂ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କଠାରୁ କୋର୍ଟ ଜବାବ ଲୋଡ଼ିଛନ୍ତି । ଏହା ଦ୍ୱାରା ବୈଜ୍ଞାନିକ ଭାବରେ ଚିହ୍ନଟ, ସନ୍ଧାନ ଏବଂ ଉଦ୍ଧାର ପାଇଥିବା ପିଲାଙ୍କୁ ତାଙ୍କ ପରିବାର ସହ ଯୋଡ଼ାଯାଇପାରିବ । ସୁପ୍ରିମକୋର୍ଟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ଜାତୀୟ ଶିଶୁ ସୁରକ୍ଷା ଆୟୋଗଙ୍କୁ ଏଥିପାଇଁ ନୋଟିସ୍ ଜାରି କରିଛନ୍ତି । ଏ ସଂକ୍ରାନ୍ତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏହା କହିଛନ୍ତି ।

---

## ଅମିତ ଶାହା-ଟିଏନ୍ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜିଠାରୁ ଦୁଇ ଦିନିଆ ତାମିଲନାଡୁ ଗସ୍ତରେ ଯିବେ । ଶ୍ରୀ ଶାହା ସନ୍ଧ୍ୟାରେ ଚେନ୍ନାଇଠାରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି । ଚେନ୍ନାଇ ନିକଟସ୍ଥ କୋଭାଲମ୍‌ଠାରେ ଆସନ୍ତାକାଲି ଶ୍ରୀ ଶାହା ଦକ୍ଷିଣ ଭାରତ ମୁଖ୍ୟମନ୍ତ୍ରୀ ସମ୍ମିଳନୀରେ ଯୋଗଦେବେ । ଏଥିରେ ତାମିଲନାଡୁ, କେରଳମ୍, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଏବଂ ପୁଡୁଚେରୀର ମୁଖ୍ୟମନ୍ତ୍ରୀ ଅଂଶଗ୍ରହଣ କରିବେ ।

---

# ଜେକେ-ବୈଷ୍ଣୋଦେବୀ

ଜାମ୍ମୁ କାଶ୍ମୀରରେ ପ୍ରତିକୂଳ ପାଗ ପରିସ୍ଥିତିକୁ ଦୃଷ୍ଟିରେ ରଖି  ଶ୍ରୀ ମାତା ବୈଷ୍ଣୋଦେବୀ ଯାତ୍ରା ପାଇଁ ନୂତନ ପଞ୍ଜୀକରଣକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି । ଶ୍ରୀ ମାତା ବୈଷ୍ଣୋଦେବୀ ମନ୍ଦିର ବୋର୍ଡ ପକ୍ଷରୁ ଏ ସଂକ୍ରାନ୍ତ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ତେବେ ପୂର୍ବରୁ ପଞ୍ଜୀକୃତ ଏବଂ ବୈଧ ଆର୍‌ଏଫ୍‌ଆଇଡି କାର୍ଡ ପାଇଥିବା ତୀର୍ଥଯାତ୍ରୀ ମାତାଙ୍କ ଦର୍ଶନ ପାଇଁ ଯାଇପାରିବେ । ପାଗ ପରିସ୍ଥିତି ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶାବଳୀ ଆଧାରରେ ମାତା ବୈଷ୍ଣୋଦେବୀଙ୍କ ମନ୍ଦିରକୁ ଗସ୍ତ କରିବାକୁ ଏହି ପଞ୍ଜୀକୃତ ତୀର୍ଥଯାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି । ପାଗ ପରିସ୍ଥିତିରେ ପରିବର୍ତ୍ତନ ହେବା ପରେ  ପୁନଃ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି ।

# ସିଇସି ଅଷ୍ଟ୍ରିଆ ଆମ୍ବାସଡର

ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଆଜି ନୂଆଦିଲ୍ଲୀଠାରେ ଅଷ୍ଟ୍ରିଆର ରାଷ୍ଟ୍ରଦୂତ ଡକ୍ଟର ରବର୍ଟ ଜିସ୍‌ଗ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ନିର୍ବାଚନ ସଦନରେ ଅନୁଷ୍ଠିତ ଏହି ବୈଠକରେ ଉଭୟଙ୍କ ମଧ୍ୟରେ ଗଣତାନ୍ତ୍ରିକ ପ୍ରକ୍ରିୟା ଏବଂ ନିର୍ବାଚନ ପରିଚାଳନା ଉପରେ ମତ ବିନିମୟ ହୋଇଛି । ଆନ୍ତର୍ଜାତିକ ସମ୍ମିଳନୀର ଦୃଷ୍ଟିକୋଣ ଆଧାରରେ ଉଭୟ ଦେଶ ମଧ୍ୟରେ ଗଣତାନ୍ତ୍ରିକ ସହଯୋଗକୁ ସୁଦୃଢ଼ କରିବା ନେଇ ଅଙ୍ଗୀକାରବଦ୍ଧତା ପ୍ରକାଶ ପାଇଛି । ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେଉଥିବା କର୍ମଚାରୀଙ୍କ ପ୍ରଶିକ୍ଷଣ କ୍ଷେତ୍ରରେ ସହଯୋଗ ନେଇ ଉଭୟ ଦେଶ ସହମତ ହୋଇଛନ୍ତି ।

# କ୍ରିକେଟ୍

ଗାଲେ ଟେଷ୍ଟ୍‌ରେ ଭାରତ ବିଜୟୀ ହୋଇଛି । ଶ୍ରୀଲଙ୍କାକୁ ୧୬୫ ରନ୍‌ରେ ପରାସ୍ତ କରି ଭାରତ ଚଳିତ ଟେଷ୍ଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଜିତି ନେଇଛି । ଶ୍ରୀଲଙ୍କା ଆଜି ପଞ୍ଚମ ତଥା ଅନ୍ତିମ ଦିବସରେ ଗତକାଲିର ସ୍କୋର୍ ୪ ୱିକେଟ୍‌ରେ ୮୪ ରନ୍‌ରୁ ବ୍ୟାଟିଂ ଆରମ୍ଭ କରିଥିଲା । ଦ୍ୱିତୀୟ ଇନିଂସ୍‌ରେ ସମସ୍ତ ୱିକେଟ୍ ହରାଇ ୨୦୬ ରନ୍ ସଂଗ୍ରହ କରିଛି । ଦଳ ପକ୍ଷରୁ ସୋନାର ଦିନୁଶା ସର୍ବାଧିକ ୮୪ ରନ୍ ଏବଂ ଅଧିନାୟକ ଧନଞ୍ଜୟ ଡିସିଲ୍‌ଭା ୫୯ ରନ୍‌ର ପାଳି ଖେଳିଥିଲେ । ଭାରତ ପକ୍ଷରୁ ମାଧବ ସୁଥାର ୫୫ ରନ୍ ବିନିମୟରେ ୬ଟି ୱିକେଟ୍ ଅକ୍ତିଆର କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପ୍ରସିଦ୍ଧ କ୍ରିଷ୍ଣା ୨ଟି, ମହମ୍ମଦ ସିରାଜ ଓ ରବିନ୍ଦ୍ର ଜାଡେଜା ଗୋଟିଏ ଲେଖାଏଁ ୱିକେଟ୍ ହାସଲ କରିଛନ୍ତି । ଭାରତ ପ୍ରଥମ ଇନିଂସରେ ୪୬୨ ରନ୍ ଏବଂ ଦ୍ୱିତୀୟ ଇନିଂସରେ ୧୯୩ ରନ୍ ସଂଗ୍ରହ କରିଥିଲା । ଶ୍ରୀଲଙ୍କା ପ୍ରଥମ ଇନିଂସରେ ୨୮୪ ଏବଂ ଦ୍ୱିତୀୟ ଇନିଂସରେ ୨୦୬ରନ୍ ସଂଗ୍ରହ କରିଛି ।